**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**01 December - 2024**

**News Editor : *Itishree Singh Rathaur***

# ପୁଲିସ ମହାନିର୍ଦ୍ଦେଶକ ସମ୍ମିଳନୀ

ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପସ୍ଥିତିରେ ଦେଶର ସୁରକ୍ଷାକୁ ନେଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଛି । ବୈଠକରେ ଜାତୀୟ ସୁରକ୍ଷାକୁ ନେଇ ଏକ ଖସଡା ପ୍ରସ୍ତୁତ କରାଯିବା ସହ ଆତଙ୍କବାଦ ଓ ମାଓବାଦୀ ମୁକାବିଲା, ଅନ୍ତର୍ଜାତୀୟ ସୀମା ଓ ଉପକୂଳ ସୁରକ୍ଷା, ସାଇବର ଅପରାଧ ଏବଂ ବେଆଇନ ନିଶା ଦ୍ରବ୍ୟ କାରବାରକୁ ରୋକିବା ଲାଗି ରଣନୀତି ପ୍ରସ୍ତୁତ ହୋଇଥିବା ଜଣାପଡିଛି । ପୁଲିସ ତଦନ୍ତରେ ନୂତନ ଜ୍ଞାନକୌଶଳ ଓ ପୁଲିସଙ୍କ ଉତ୍ତମ ବ୍ୟବହାର ନେଇ ଆଲୋଚନା ହୋଇଛି । ବୈଠକରେ ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଶୂନ୍ୟ ସହନଶୀଳତା ନୀତି ଆପଣାଇବାକୁ ଗୁରୁତ୍ୱ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଦେଶ ସୁରକ୍ଷା ସଂକ୍ରାନ୍ତୀୟ ଆହ୍ୱାନର ମୁକାବିଲା ପାଇଁ ପରାମର୍ଶ ଦେଇଛନ୍ତି ।

ସୂଚନା ଅନୁସାରେ ପ୍ରଧାନମନ୍ତ୍ରୀ ଆଜି ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଉଦ୍‌ଯାପନୀ ଦିବସରେ ମଧ୍ୟ ଯୋଗଦେବେ । ସନ୍ଧ୍ୟାରେ

ପ୍ରଧାନମନ୍ତ୍ରୀ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟସୂଚୀ ରହିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଧର୍ମେନ୍ଦ୍ର ପ୍ରଧାନ

ଓଡିଶାକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିବା ପାଇଁ ସାମୁହିକ ଉଦ୍ୟମ ଆବଶ୍ୟକ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଭୁବନେଶ୍ୱରରେ ଗଣକବି ବୈଷ୍ଣବ ପାଣିଙ୍କ ଜୟନ୍ତୀ ମହୋତ୍ସବର ଉଦ୍‌ଯାପନୀ ସମାରୋହରେ ଯୋଗଦେଇ ଶ୍ରୀ ପ୍ରଧାନ ଓଡିଆ ଭାଷା, ସଂସ୍କୃତି ଓ ଜାତିର ନବଜାଗରଣ ସୃଷ୍ଟି ପାଇଁ ଏକାଠି ହେବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ

ସପ୍ତଦଶ ବିଧାନସଭାର ଦ୍ୱିତୀୟ ଅଧିବେଶନ ଚଳିତମାସ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାରୁ ସୋମବାରଗୁଡିକରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ । ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଭୁବନେଶ୍ୱରସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଡିସେମ୍ବର ମାସ ୨, ୯, ୧୬, ୨୩ ଓ ୩୦ ତାରିଖରେ ବନ୍ଦ ରହିବ ।

# ନୋଡାଲ ଅଧିକାରୀ ନିଯୁକ୍ତ

ରାଜ୍ୟରେ ଧାନ ବିକ୍ରୟ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗ ତ୍ୱରିତ ସମାଧାନ ପାଇଁ ସରକାର ସମସ୍ତ ଜିଲ୍ଲାରେ ନୋଡାଲ ଅଧିକାରୀମାନଙ୍କୁ ନିଯୁକ୍ତ କରିଛନ୍ତି । ଏହା ଦ୍ୱାରା କୃଷକମାନେ ସେମାନଙ୍କ ଟୋକନ୍ ନମ୍ବର ସର୍ବନିମ୍ନ ସହାୟତା ମୂଲ୍ୟ ପ୍ରାପ୍ୟ ଆଦି ସମ୍ପର୍କରେ ଜାଣିପାରିବେ । ଚାଷୀମାନେ କୌଣସି ଅଭିଯୋଗ ଥିଲେ ୧୯୬୭ ନମ୍ବରକୁ ଯୋଗାଯୋଗ କରିପାରିବେ ।

# ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ବୃଦ୍ଧି

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଚାଲିଥିବା ମଧ୍ୟାହ୍ନ ଭୋଜନର ବର୍ଦ୍ଧିତ ଖର୍ଚ୍ଚ ଆଜିଠାରୁ ଲାଗୁ ହୋଇଛି। ଗତକାଲି ରାଜ୍ୟ ସରକାର ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତ୍ୟେକଙ୍କ ପିଛା ମଧ୍ୟାହ୍ନ ଭୋଜନ ଖର୍ଚ୍ଚ ୭ ଟଙ୍କା ୬୪ ପଇସା ଓ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ୧୦ ଟଙ୍କା ୯୪ ପଇସାକୁ ବୃଦ୍ଧି କରିଥିଲେ। ପ୍ରଧାନମନ୍ତ୍ରୀ ପୋଷଣ ଅଭିଯାନରେ ଏହି ଖର୍ଚ୍ଚ ବୃଦ୍ଧି କରାଯାଇଛି ।

# ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଭୁବନେଶ୍ୱର ଲୋକସେବା ଭବନରେ ଆଇ.ଜି.ଓ.ଟି ପ୍ଲାଟଫର୍ମ ଜରିଆରେ ସରକାରୀ କର୍ମଚାରୀମାନଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କରେ ସମୀକ୍ଷା

କରିଛନ୍ତି । ବୈଠକରେ ଶ୍ରୀ ଆହୁଜା କହିଛନ୍ତି, ଏହି ପ୍ରକିୟା ପ୍ରତ୍ୟେକ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି କରିବା ସହ ସେବା ପ୍ରଦାନ ଏବଂ କାର୍ଯ୍ୟରେ ଉନ୍ନତି ଆଣିବାରେ ସହାୟକ ହେବ । ସୂଚନା ଅନୁସାରେ ରାଜ୍ୟ ସରକାର, ଦକ୍ଷତା ବିକାଶ ଆୟୋଗ ଓ କର୍ମଯୋଗୀ ଭାରତ ମଧ୍ୟରେ ଗତ ଅକ୍ଟୋବର ମାସରେ ଏକ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା ।

## କୋଣାର୍କ ଉତ୍ସବ

କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ୩୫ତମ କୋଣାର୍କ ଉତ୍ସବ ଆରମ୍ଭ ହେଉଛି । ପାଞ୍ଚଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେଶ ବିଦେଶର ବିଶିଷ୍ଟ କଳାକାରମାନେ ଓଡିଶୀ, କଥକ, ମଣିପୁରୀ, ଭାରତ ନାଟ୍ୟମ୍ ଆଦି ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶନ କରିବେ । ଚନ୍ଦ୍ରଭାଗା ବେଳାଭୂମିରେ ଆଜିଠାରୁ ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ ମଧ୍ୟ ଆରମ୍ଭ ହେବ ।

## ଇକୋ ରିଟ୍ରିଟ୍

ରାଜ୍ୟର ୬ଟି ସ୍ଥାନରେ ଆଜିଠାରୁ ଇକୋ ରିଟ୍ରିଟ୍ ଆରମ୍ଭ ହେଉଛି । ପ୍ରଥମ ପର୍ଯ୍ୟାୟରେ କୋରାପୁଟ ଜିଲ୍ଲାର ପୁଟସିଲ, ଗଞ୍ଜାମର ସୁନାପୁର, ଭିତରକନିକା, ଦାରିଙ୍ଗିବାଡି, ସାତକୋଶିଆ ଓ ହୀରାକୁଦରେ ଆଜିଠାରୁ ଇକୋ ରିଟ୍ରିଟ୍ ଆରମ୍ଭ ହୋଇ ମାର୍ଚ୍ଚ ମାସ ୧ତାରିଖ ପର୍ଯ୍ୟନ୍ତ ଚାଲିବ ।

ଦ୍ୱିତୀୟ ପର୍ଯ୍ୟାୟରେ ଡିସେମ୍ବର ୧୫ତାରିଖରୁ କୋଣାର୍କର ରାମଚଣ୍ଡୀ ନିକଟରେ ଇକୋ ରିଟ୍ରିଟ୍ ଆରମ୍ଭ ହେବ ।

# ଆଇଟି ରିଟର୍ଣ୍ଣ

୨୦୨୩-୨୪ ଆର୍ଥିକ ବର୍ଷ ନିମନ୍ତେ ଆୟକର ରିଟର୍ଣ୍ଣ ସମୟସୀମା ୧୫ଦିନ ବୃଦ୍ଧି କରାଯାଇଛି । ଗତକାଲି ଆୟକର ରିଟର୍ଣ୍ଣ ନିମନ୍ତେ ଶେଷ ତାରିଖ ଥିବାବେଳେ ଏହାକୁ ଡିସେମ୍ବର ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଆସେସମେଣ୍ଟ ବର୍ଷ ୨୦୨୪-୨୫ ପାଇଁ ମଧ୍ୟ ଆୟକର ରିଟର୍ଣ୍ଣ ଅବଧି ଡିସେମ୍ବର ୧୫ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ଆୟକର ବିଭାଗ ପକ୍ଷରୁ ଜଣାପଡିଛି ।

# ବିଶ୍ୱ

ଏଡ୍ସକୁ ନେଇ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଏଡ୍ସ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟ ବସ୍ତୁ ରହିଛି 'ମୋର ସ୍ୱାସ୍ଥ୍ୟ ମୋର ଅଧିକାର ।' ଏହି ପରିପ୍ରେକ୍ଷୀରେ ସଚେତନ ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ୨୦୧୨ ମସିହାରୁ ଏପର୍ଯ୍ୟନ୍ତ ରାଜ୍ୟରେ ୬୩ହଜାରରୁ ଊର୍ଦ୍ଧ୍ୱ ଏଡ୍ସ ରୋଗୀ ଚିହ୍ନଟ ହୋଇଛନ୍ତି ।